# Akashvani, Sambalpur

## SAMBALPURI NEWS EVENING BULLETIN

## 4 November 2024- 7.02 pm- 7.12 pm.

*********************************************

୧- ବାତ୍ୟା ଦାନାଥି ରାଜ୍ୟର୍ ୧୪ ଟା ଜିଲ୍ଲା ନ ୬ ଶହ ୧୬ କୋଟିନୁ ଅଏତ୍କା ଟଙ୍କାର୍ ହେଇଛେ ନୁକ୍ସାନ୍- କହେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

୨- ହରେକୃଷ୍ଣ ମହତାବ୍ଙ୍କର୍ ଶହେ ୨୫ ନମ୍ବର୍ ଜନ୍ମବାର୍ଷିକୀ ଜାତୀୟ ଉତ୍ସବ୍ ଭାବେ ପାଲନ୍ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ଙ୍କର୍ ନିଷ୍ପତି ।

୩- ଓଡ଼ିଶାର୍ ପର୍ଯ୍ୟଟନ୍ କ୍ଷେତ୍ରକେ ବିକଶିତ୍ କର୍ବାର୍ ଲାଗି ୟୁନାଇଟେଡ୍ କିଙ୍ଗ୍ଡ଼ମର୍ ଭାରତୀୟ ହାଇକମିଶନ୍ଙ୍କୁ ଭେଟ୍ଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଆଉର୍

୪- ସୁଲଭ ମୂଲ୍ୟଥି ଖାଉଟିମାନ୍କୁ ଚାଉଲ୍ ଆଉ ଅଟା ଯୁଗାବାର୍ ଲାଗି ଭାରତ୍ ବ୍ରାଣ୍ଡର ୨ ନମ୍ବର୍ ଖେପ୍ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀ ।

ରାଜସ୍ୱ ମନ୍ତ୍ରୀ- ବାତ୍ୟା            ଆର୍‌ଏନ୍‌ୟୁ/ ସମ୍ବଲପୁର

ବାତ୍ୟା 'ଦାନା'ଥି ରାଜ୍ୟର୍ ୧୪ ଟା ଜିଲ୍ଲାର୍ ମୋଟ୍ ୬ ଶହ ୧୬ କୋଟି ୧୯ ଲାଖ୍ ୩୦ ହଜାର୍ ଟଙ୍କାର୍ ନୁକ୍‌ସାନ୍ ହେଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ନ ବାତ୍ୟା ଦାନା ଥି ହେଇଥିବା ନୁକ୍‌ସାନ୍‌ର ଚୂଡ଼ାନ୍ତ ରିପୋର୍ଟ ବାବ୍‌ଦେ ସାମ୍ବାଦିକ୍ ସମ୍ମିଲନୀଥି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ, ଆଏବା ଦିନେ ଦୁଇଦିନ୍ ଭିତ୍‌ରେ ବାତ୍ୟାର୍ ନୁକ୍‌ସାନ୍ ଟଙ୍କା ଦିଆଯିବା । କ୍ଷତିଗ୍ରସ୍ତ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ଇ ଟଙ୍କା ଦିଆଯିବା । ଇତାର୍‌ଉତ୍‌ରୁ ଜିଲ୍ଲାପାଲ୍‌ମାନେ ବ୍ଲକ୍ ନ ଟଙ୍କା ବାଂଟ୍‌ବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ମନ୍ତ୍ରୀଙ୍କର୍ ତଥ୍ୟ ଅନ୍‌ସାରେ ବାତ୍ୟାଥି ମୋଟ୍ ୩ ଲାଖ୍ ୬୨ ହଜାର୍ ୯ ଶହ ୩୫ ହେକ୍ଟର୍ ଚାଷ୍ ଜମି ପ୍ରଭାବିତ୍ ହେଇଛେ ଆଉ ୧ ଲାଖ୍ ୭୨ ହଜାର୍ ୩ ଶହ ୫୬ ହେକ୍ଟର୍ ଜମିର୍ ଫସଲ୍ ନୁକ୍‌ସାନ୍ ହେଇଛେ । ସେନ୍ତା ୧୬ ହଜାର୍ ୪ ଶହ ୧୭ ଟା ଘର୍ ବାତ୍ୟାଥି ପ୍ରଭାବିତ୍ ହେଇଛେ ।

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ- କେନ୍ଦ୍ରାପଡ଼ା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍ ଆର୍ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କେନ୍ଦ୍ରାପଡ଼ା ସାର୍କିଟ୍ ହାଉସ୍ ନ ବାତ୍ୟା ନୁକ୍ସାନ୍ ବାବ୍‌ଦେ ସମୀକ୍ଷା କରିଛନ୍ । କ୍ଷତିଗ୍ରସ୍ତ କେନ୍‌ସି ଭିଲ୍ ଗରିବ୍ ଲୋକ୍ ଯେନ୍ତା ସର୍‌କାରୀ ସାହାଜ୍‌ନୁ ବାଦ୍ ନାଇଁ ପଡ୍‌ବେ ସେଥିର୍‌ଲାଗି ଜିଲ୍ଲା ପ୍ରଶାସନ୍ ଧ୍ୟାନ୍ ଦେବାର୍‌କେ ମନ୍ତ୍ରୀ ଶ୍ରୀ ନାଏକ୍ ପରାମର୍ଶ ଦେଇଥିଲେ । ଇ ଅବ୍‌ସରେ ପଂଚାୟତିରାଜ୍, କୃଷି, ରାସ୍ତା ଆଉ କୋଠାବାଡ଼ି, ଯୋଗାଣ, ଗ୍ରାମ୍ୟଉନ୍ନୟନ୍, ପ୍ରାଣୀସମ୍ପଦ୍ ବିଭାଗ୍ ତର୍‌ଫୁ ନିଆଯାଇଥିବା ପଦକ୍ଷେପ୍ ଆର୍ ନୁକ୍ସାନ୍ ବାବ୍‌ଦେ ମନ୍ତ୍ରୀଙ୍କୁ ଜନେଇ ଦିଆଯାଇଥିଲା ।

ହରେକୃଷ୍ଣ ମହତାବ୍ ଜୟନ୍ତୀ ଆର୍‌ଏନ୍‌ୟୁ/ କଟକ୍

ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ଶହେ ୨୫ ନମ୍ବର୍ ଜନ୍ମବାର୍ଷିକୀ ଭିଲ୍ ଜାତୀୟ ଉତ୍ସବ୍ ଭାବେ ପାଳନ୍ କର୍‌ବାର୍‌କେ କେନ୍ଦ୍ର ସର୍‌କାର୍ ନିଷ୍ପତି ନେଇଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର୍ ଇ ନିଷ୍ପତି ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଖୁସି ହେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆର୍ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ

କୃତଜ୍ଞତା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍‌କେ କହିଛନ୍ ଯେ, ଓଡ଼ିଶାର୍ କିମ୍ବଦନ୍ତୀ ରାଷ୍ଟ୍ରବାଦୀ ନେତାଙ୍କୁ ଇଟା ମହାନ୍ ଶ୍ରଦ୍ଧାଞ୍ଜଳି ଆଏ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍‌କାର୍ ଡକ୍ଟର୍ ମହତାବ୍‌ଙ୍କର୍ ଶହେ ୨୫ ନମ୍ବର୍ ଜନ୍ମବାର୍ଷିକୀ ବଛରସାରା ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନେଇଛନ୍ । ଆଏବା ୨୧ ତାରିଖ୍‌ନୁ ୩ ଦିନ୍‌ତକ୍ ଭୁବ୍‌ନେଶ୍ୱର୍ ନ ଜୟନ୍ତୀ ସମାରୋହ ହେବାର୍‌କେ ଥିବାର୍ ବେଲେ ଆଏବା ବଛ୍‌ରେତକ୍ ସାରା ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା ।

ଉପମୁଖ୍ୟମନ୍ତ୍ରୀ -ବ୍ରିଟେନ ଆର୍‌ଏନ୍‌ୟୁ/ସମ୍ବଲପୁର

ଓଡ଼ିଶାର୍ ପର୍ଯ୍ୟଟନ୍ କ୍ଷେତ୍ରକେ ଅଏତ୍‌କା ବିକଶିତ୍ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ନେତୃତ୍ୱଥି ଗୁଟେ ଉଚ୍ଚାଦର୍‌ଜାର୍ ପ୍ରତିନିଧି ଦଲ୍ ୟୁନାଇଟେଡ୍ କିଙ୍ଗ୍‌ଡମ୍ ଗସ୍ତ କରିଛନ୍ । ସେନ ଅବସ୍ଥାପିତ୍ ଭାରତୀୟ ହାଇକମିଶନର୍ ବିକ୍ରମ୍ ଦୋରାଇ ସ୍ୱାମୀଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭେଟିଛନ୍ । ଇ ସମିଆଥି ୟୁନାଇଟେଡ୍ କିଙ୍ଗ୍‌ଡମ୍ ଆର୍ ୟୁରୋପୀୟ ପରିଦର୍ଶକଙ୍କର୍ ଭିତ୍‌ରେ ଓଡ଼ିଶାର୍ ସମୃଦ୍ଧ, ସଂସ୍କୃତି, ଐତିହ୍ୟ, କଳା ଆର୍ ସୌନ୍ଦର୍ଯ୍ୟକେ ତହଁକାବାର୍

ଲାଗି ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ ହାଇକମିଶନର୍ ଶ୍ରୀ ଦୋରାଇ ସ୍ୱାମୀ ଟୁର୍ ଅପରେଟର୍ ଆର୍ ଟେଷ୍ଟିନେସନ୍ ମେନେଜ୍‌ମେଂଟ୍ କମ୍ପାନୀର୍ ସାହାଜ୍‌ଥି ଓଡ଼ିଶାର୍ ପର୍ଯ୍ୟଟନକେ ଲୋକାଭିମୁଖୀ କର୍‌ବାର୍‌କେ ପ୍ରସ୍ତାବ୍ ଦେଇଥିଲେ । ଇତାର୍‌ଛଡ଼ା ଉପମୁଖ୍ୟମନ୍ତ୍ରୀ ଓଡ଼ିଶାର୍ ପର୍ଯ୍ୟଟନ୍ ନୀତି ବାବ୍‌ଦେ ଆଲୋକପାତ କରିଥିଲେ । ଯେନ୍‌ଟା ନିବେଶକମାନ୍‌କୁ ଅଏତ୍‌କାନୁ ଅଏତ୍‌କା ଆକୃଷ୍ଟ କରିଆସିଛେ ।

ଶାହା-ହିନ୍ଦୀ ସମିତି ଆର୍‌ଏନ୍‌ୟୁ/ କଟକ୍

ଭାରତ୍ ହେଉଛେ ଗୁଟେ ନ ଦେଶ୍ ଯେନ ୧୧ ଟା ଭାଷାଥି ଶାସ୍ତ୍ରୀୟ ଭାଷାର୍ ମାନ୍ୟତା ଦିଆଯାଇଛେ ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀ ନ କେନ୍ଦ୍ରୀୟ ହିନ୍ଦୀ ସମିତିର୍ ୩୨ ନମ୍ବର୍ ବୈଠକ୍‌ଥି ଅଧକ୍ଷତା କରିକରି ଶ୍ରୀ ଶାହା କହିଛନ୍ ଯେ, ହିନ୍ଦୀକେ ବର୍‌କସ୍ କର୍‌ବାର୍ ଲାଗି ୨ ଟା ପ୍ରମୁଖ ପଦକ୍ଷେପ୍‌ର ଦର୍‌କାର୍ ରହିଛେ । ହିନ୍ଦୀ ସାହିତ୍ୟକେ ତହଁକାବାର୍ ଆଉ ସଂରକ୍ଷଣ ଦେବାର୍ ଆର୍ ସବୁ ଆଧୁନିକ୍ ପାଠ୍ୟକ୍ରମ୍‌ଥି ହିନ୍ଦୀ ଆର୍ ଆଂଚଲିକ୍ ଭାଷାଥି ମିଲିପାର୍‌ବାର୍ ଜରୁରୀ ବଲି ଶ୍ରୀ ଶାହା

କହିଛନ୍ । ବୈଠକ୍‌ଥି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜଗତ୍ ପ୍ରସାଦ୍ ନଡ୍ଡା, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ନ୍ୟାୟ ରାଷ୍ଟ୍ରମନ୍ତ୍ରୀ, ଅର୍ଜୁନ୍ ରାମ୍ ମେଘ୍‌ୱାଲ୍ ଆର୍ ସଂସଦୀୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍. ମୁରୁଗନ୍ ଯୋଗ୍ ଦେଇଥିଲେ ।

ଫେମିଲି ପେନ୍‌ସନ୍- ଝିଅ ଆର୍‌ଏନ୍‌ୟୁ/ କଟକ୍

ସର୍‌କାରୀ କର୍ମଚାରୀଙ୍କର୍ ଅବସର ସମିଆଥି ପରିବାର୍ ବାବ୍‌ଦେ ସୂଚ୍‌ନା ସଂଗ୍ରହ କରାଯିବାର୍ ବେଲେ ଝିଅମାନ୍‌କର୍ ନାଁକେ କାଗଜ୍‌ପତର୍‌ଥି ସାମିଲ୍ କର୍‌ବାର୍ ଲାଗି ପେନ୍‌ସନ୍ ଆର୍ ପେନ୍‌ସନ୍‌ଭୋଗୀ କଲ୍ୟାଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ସର୍‌କାରୀ କର୍ମଚାରୀଙ୍କର୍ ଫେମିଲି ପେନ୍‌ସନ୍ ଲାଗି ଯୋଗ୍ୟ ପରିବାର୍ ସଦସ୍ୟମାନ୍‌କର୍ ତାଲିକାନୁ ଝିଅମାନ୍‌କର୍ ନାଁକେ ବାଦ୍ ଦିଆଯାଇନାଇଁପାରେ । ଝନେ ଝିଅ ବିହା ହେବାର୍, ଫେର୍‌ଘାଏ ବିହା ହେବାର୍ କି ଚାକିରୀ ନାଇଁ ପାଏବାର୍‌ତକ୍ ଫେମିଲି ପେନ୍‌ସନ୍ ପାଏବାର୍‌କେ ଯୋଗ୍ୟ । ଇତାର୍‌ଛଡ଼ା ୨୫ ବଛର୍‌ନୁ ଅଏତ୍‌କା ବୟସର୍ ଛାଡ଼ପତର୍ ହେଇଥିବା ଝିଅ ଭିଲ୍ ପେମିଲି ପେନ୍‌ସନ୍ ପାଇପାର୍‌ବେ ।

ତୁହିନ୍ ପାଣ୍ଡେ-ଅତିରକ୍ତ ଦାୟିତ୍ୱ ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ସର୍କାର୍ ଓଡ଼ିଶା କେଡ଼ର୍ର ଆଇଏଏସ୍ ଆର୍ ଡିପାର୍ଟମେଂଟ୍ ଅଫ୍ ଇନ୍ଭେଷ୍ଟମେଂଟ୍ ଏଣ୍ଡ ପବ୍ଲିକ୍ ଏସେଟ୍ ମେନେଜ୍ମେଂଟ୍ ସଚିବ ତୁହିନ୍କାନ୍ତ ପାଣ୍ଡେଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ । ଶ୍ରୀ ପାଣ୍ଡେ କାର୍ମିକ ଆର୍ ପ୍ରଶିକ୍ଷଣ ବିଭାଗ୍ର ସଚିବ ହିସାବେ ଅତିରିକ୍ତ ଦାୟିତ୍ୱ ତୁଲାବେ । ୧୯୮୭ ବେଚ୍ର ଶ୍ରୀ ପାଣ୍ଡେ ଏଛେନ୍ ନିବେଶ ଆର୍ ସାର୍ବଜନୀନ ପରିସମ୍ପତି ପ୍ରବନ୍ଧନ୍ ବିଭାଗ୍ର ସଚିବ ହିସାବେ ଦାୟିତ୍ୱ ତୁଲାବେ ।

ଭାରତ୍ ବ୍ରାଣ୍ଡ୍ ଅଟା, ଚାଉଲ୍ ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ସର୍କାର୍ ଅତ୍ୟାବଶ୍ୟକୀୟ ଖାଏବାର୍ ଦରବ୍ର ଦାମ୍ ଥିର୍ ରଖ୍ବାର୍ ସହେତେ ଚାଷୀମାନ୍କୁ ଠିକ୍ ଦାମ୍ ସୁନିଶ୍ଚିତ୍ କର୍ବାର୍ ଲାଗି ପଦକ୍ଷେପ୍ ନେଇଛନ୍ ବଲି ଉପଭୋକ୍ତା ବ୍ୟାପାର୍, ଖାଦ୍ୟ ଆଉ ସାଧାରଣ ବଂଟନ୍ ମନ୍ତ୍ରୀ ପ୍ରହଲ୍ଲାଦ ଯୋଷୀ କହିଛନ୍ । ଆଏଜ୍ ନୂଆଦିଲ୍ଲୀ ନ ଭାରତ୍ ବ୍ରାଣ୍ଡ୍ର ଚାଉଲ୍ ଆର୍ ଅଟାର ୨ ନମ୍ବର୍ ଖେପ୍ର ଶୁଭାରମ୍ଭ କରିକରି

ଶ୍ରୀ ଯୋଷୀ କହିଛନ୍ ଯେ, ଭାରତ୍ ବ୍ରାଣ୍ଡ୍ ଅଟା କେଜିକ ୩୦ ଟଙ୍କା ଆର୍ ଭାରତ୍ ବ୍ରାଣ୍ଡ ଚାଉଲ୍ କେଜିକ ୩୪ ଟଙ୍କାଥି ମିଲୁଛେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ଯୋଷୀ ଗଣମାଧ୍ୟମ୍‌କେ କହିଛନ୍ ଯେ, ଭାରତ୍ ବ୍ରାଣ୍ଡ୍‌ର ଅଟା ଆର୍ ଚାଉଲ୍ ବିକ୍ରି ଲାଗି ବଜାର୍‌ଥି ସୁଲଭ ମୂଲ୍ୟଥି ଯୋଗାଣ ବଢ଼୍‌ବା ଆର୍ ଇ ଗୁରୁତ୍ୱପୂର୍ଣ୍ଣ ଖାଏବାର୍ ଦରବ୍ ମାନ୍‌କର୍ ଦାମ୍ କମ୍ କର୍‌ବାର୍‌ଥି ସାହାଜ୍ କର୍‌ବା । ଭାରତ୍ ବ୍ରାଣ୍ଡ୍‌ର ଉତ୍ପାଦ କେନ୍ଦ୍ରୀୟ ଭଣ୍ଡାର୍ ନାଫେଡ୍ ଆର୍ ଏନ୍‌ଏଫ୍‌ସିସିଏଫ୍ ଷ୍ଟୋର୍‌ନୁ ଘିନାଯାଇପାର୍‌ବା ।

୨ ହଜାର୍ ଟଙ୍କିଆ ନୋଟ୍ ଫେରସ୍ତ          ଆର୍‌ଏନ୍‌ୟୁ/ କଟକ୍

୯୮ ପ୍ରତିଶତ୍‌ନୁ ଅଏତ୍‌କା ୨ ହଜାର୍ ଟଙ୍କିଆ ନୋଟ୍ ବେଙ୍କ୍‌କେ ଫିରିଛେ ବଲି ଭାରତୀୟ ରିଜର୍ଭ ବେଙ୍କ୍ ସୂଚ୍‌ନା ଦେଇଛେ । ୨୦୧୬ ମସିହା ନଭେମ୍ବର୍ ମାସେ ଘୋଷ୍‌ନା କରାଯାଇଥିବା ବିମୁଦ୍ରୀକରଣ୍ ପଛେ ପହେଲା ଥର୍ ଲାଗି ୨ ହଜାର୍ ଟଙ୍କିଆ ନୋଟ୍ ଚାଲ୍‌ବାର୍‌ଟା ଉଠେଇ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ୨୦୨୩ ମସିହା ମେ ମାସେ ୧୯ ତାରିଖ୍ ଦିନ ୨ ହଜାର୍ ଟଙ୍କିଆ ନୋଟ୍ ଉଠେଇ ଦିଆଯିବାର୍ ବାବ୍‌ଦେ କେନ୍ଦ୍ର ସର୍‌କାର୍ ଘୋଷ୍‌ନା

କରିଥିଲେ । ସେତେବେଳେ ୩ ଲାଖ୍ ୫୬ ହଜାର୍ କୋଟି ଟଙ୍କାର ୨ ହଜାର୍ ଟଙ୍କିଆ ନୋଟ୍ ବଜାର୍‌ରେ ଚାଲୁଥିଲା । ଗଲାମାସ ଶେଷ୍‌ତକ୍ ୯୮ ଦଶ୍‌ମିକ୍ ଶୂନ୍/୪ ପ୍ରତିଶତ୍ ୨ ହଜାର୍ ଟଙ୍କିଆ ନୋଟ୍ ବେଙ୍କ୍‌କେ ଫିରିଛେ । ଆଉ ୬ ହଜାର୍ ୯ ଶହ ୭୦ କୋଟି ଟଙ୍କା ୨ ହଜାର୍ ଟଙ୍କିଆ ନୋଟ୍ ବେଙ୍କ୍‌କେ ଫିର୍‌ବା ବଲି ରିଜର୍ଭ ବେଙ୍କ୍ କହିଛନ୍ ।

କନ୍ଧମାଲ୍ ମୃତ୍ୟୁ-ଆର୍‌ଡିସି ତଦନ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

କନ୍ଧମାଲ୍ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ୍‌ର ମାଣ୍ଡିପଙ୍କା ଗାଁ ନ ଆମ୍ବଟାକୁଆ ଜାଉ ଖାଇକରି ୨ ଝନ୍‌କର୍ ମୃତ୍ୟୁ ହେଇଥିବା ଅଭିଯୋଗ୍ ଘଟ୍‌ନାର୍ ଆର୍‌ଡିସି ସ୍ତରୀୟ ତଦନ୍ତ ହେବା । ଆଏଜ୍ ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଘଟ୍‌ନାରେ ଆଉ ୨ ଝନ୍ ଗୁରୁତର ଅସୁସ୍ଥ ହେଇକରି ଏଛେନ୍ କଟକ୍ ଏସ୍‌ସିବି ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍ ନ ଚିକିତ୍ସିତ୍ ହେଉଛନ୍ ।

ମେଘନାଦ ପାଚେରୀ ମରାମତି ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍‌ର ମେଘନାଦ ପାଚେରୀ ଫାଟର ମରାମତି ପ୍ରକ୍ରିୟା ମୁଲ୍ ହେଇଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ, ପାଚେରୀଥି ଥିବା ଫାଟ ପୁର୍‌ନା ଆଏ । ଭିନ୍ ଭିନ୍ ସମୟଥି ଭିନ୍ ଭିନ୍ ରକମ୍‌ର ଉଚ୍ଛେଦ୍ ସମିଆଥି ଇଟା ସୃଷ୍ଟି ହେଇଛେ । ଫାଟ ବାବ୍‌ଦେ ଭାରତୀୟ ପ୍ରତ୍ନତତ୍ୱ ବିଭାଗ୍‌କେ ଚିଠି ଲେଖାଯାଇଥିଲା । ନିର୍ଦ୍ଦିଷ୍ଟ ସମିଆ ଭିତ୍‌ରେ ଫାଟମାନ୍‌କର୍ ମରାମତି କରାଯିବାର୍ ଲାଗି ଯୋଜ୍‌ନା କରାଯାଇଛେ । ଖୋବ୍ ଜଲ୍‌ଦି ମରାମତି କାମ୍ ଶେଷ୍ ହେବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର    ସୁବର୍ଣ୍ଣପୁର୍

ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ଆର୍ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସୋନ୍‌ପୁର୍ ବ୍ଲକ୍ ପରିସର୍ ନ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ହେଇଯାଇଛେ । ଶିବିର୍‌ଥି ବ୍ଲକର ୧୫ ଟା ଗ୍ରାମ୍ ପଂଚାୟତ୍‌ନୁ ଶହେ ନୁ ଅଏତ୍‌କା ହିତାଧିକାରୀ ପଞ୍ଜିକୃତ ହେଇଛନ୍ । ଇତାର୍‌ଛଡ଼ା ଦୃଷ୍ଟିବାଧିତ, ଶ୍ରବଣ ବାଧିତ ଆର୍

ସିକିଲ୍‌ସେଲ୍ ହିତାଧିକାରୀଙ୍କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇକରି ପ୍ରମାଣ୍‌ପତ୍ର ଦିଆଯିବା ।

ଜିଲ୍ଲା ସ୍ୱାସ୍ଥ୍ୟ ପରିଚାଳନା କମିଟିର୍ ବୈଠକ ନୂଆପଡ଼ା

ନୂଆପଡ଼ା ଠାନେ ଜିଲ୍ଲା ସ୍ୱାସ୍ଥ୍ୟ ପରିଚାଳନା କମିଟିର୍ ବୈଠକ୍ ହେଇଯାଇଛେ । କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଯୋଗ୍ ଦେଇକରି ଜିଲ୍ଲାର୍ ସ୍ୱାସ୍ଥ୍ୟ ସମସ୍ୟାକେ ଲୋକାଭିମୁଖୀ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ବୈଠକ୍‌ଥି ବାର୍ଷିକ କାର୍ଯ୍ୟଖସଡ଼ା ଉପ୍‌ରେ ଭିଲ୍ ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ପରିସର୍ ନ ସିଟି ସ୍କେନ୍ ଉଦ୍‌ଘାଟିତ୍ ହେଇଛେ । ବୈଠକ୍‌ଥି ନୂଆପଡ଼ା ବିଧାୟକ୍ ରାଜେନ୍ଦ୍ର ଢୋଲ୍‌କିଆ, ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ, ଜିଲ୍ଲାପାଳ୍ ମଧୁସୂଦନ୍ ଦାସ, ଜିଲ୍ଲାପରିଷଦ୍ ଅଧ୍ୟକ୍ଷା ଡଲି ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧରଣୀଧର ସେନାପତି ପ୍ରମୁଖ ଯୋଗ୍ ଦେଇଥିଲେ ।

ସପ୍ତାହିକ୍ ବଜାର୍ ମାର୍କେଟ୍‌ର ଭୂମିପୂଜା କଲାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ପୌରପାଳିକା ତର୍ଫୁ ସପ୍ତାହିକ୍ ବଜାର୍ ଠାନ ନୂଆଁ ମାର୍କେଟ୍‌ର ଭୂମିପୂଜା କରାଯାଇଛେ । ଇଥିର୍‌ଲାଗି ୨ କୋଟି ୯୭ ଲାଖ୍ ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ଇଟା ହେଲେ ୫ ଶହ ନୁ ଅଏତ୍‌କା ଦୁକାନୀ, ବ୍ୟବସାୟୀ ଲାଭ୍ ପାଏବେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ କଳାହାଣ୍ଡି ସାଂସଦ୍ ମାଳବିକା ଦେବୀଙ୍କର୍ ସହେତେ ପୌରପାଳିକା ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ୍, ମୁଖ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀ ପଣ୍ଡାଙ୍କର୍ ସହେତେ ସବୁ କାଉନ୍‌ସିଲର୍ ଯୋଗ୍ ଦେଇଥିଲେ ।

ହାତୀ ଉଦ୍ଧାର୍ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଜଙ୍ଗଲ୍ ବିଭାଗ୍ ହଲ୍‌ଦିଆଖୋଲ ଗାଁ ନୁ ଗୁଟେ କୁଆଁ ଭିତ୍‌ରୁ ଗୁଟେ ହାତୀ ଛୁଆକେ ଉଦ୍ଧାର୍ କରିଛେ । ୧୪ ଘର୍ ହାତୀ ରିଆମାଲ୍ ରେଞ୍ଜ୍‌ର କୁଣ୍ଢେଇଗୋଲାର ହଲ୍‌ଦିଆଖୋଲ ଗାଁ ନ ବୁଲୁଥିବାର୍ ବେଲେ ହାତୀ ଛୁଆଟା କୁଆଁ ଭିତ୍‌ରେ ପଡ଼ିଯାଇଥିଲା । ଜିଲ୍ଲା ସର୍‌କାରୀ ବନାଂଚଲ୍ ଅଧିକାରୀ ସ୍ୱାଧୀନତା ସାହାଣୀଙ୍କର୍ ତତ୍ତ୍ୱାବଧାନ୍‌ଥି ଉଦ୍ଧାର୍ କରାଯାଇଥିବା ହାତୀ ଛୁଆକେ ହାତୀମାନ୍‌କର୍ ପାଖେ ପୁହୁଁଚେଇ ଦିଆଯାଇଥିଲା ।

ସୁନାମୀ ସଚେତନତା ଦିବସ୍        ଆର୍‌ଏନ୍‌ୟୁ/ କଟକ୍

ସୁନାମୀ ବାବ୍‌ଦେ ସଚେତନତା ସୃଷ୍ଟି ଆଉ ଇତାର୍ ପ୍ରକୋପ୍‌ନୁ ଲୁକ୍‌କର୍ ଜୀବନ୍ ରକ୍ଷା କର୍‌ବାର୍ ଲାଗି ଫି’ ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ସୁନାମୀ ସଚେତନତା ଦିବସ୍ ଭାବେ ପାଲନ୍ କରାଯାଉଛେ । ମିଲିତ ଜାତିସଂଘର୍ ସାଧାରଣ ସଭାଥି ଇ ବିଷେ ପାରିତ୍ ହେବାର୍ ଉତ୍‌ରୁ ୨୦୧୬ ମସିହା ନଭେମ୍ବର୍ ୫ ତାରିଖ୍‌କେ ପହେଲାଥର୍ ଲାଗି ବିଶ୍ୱ ସୁନାମୀ ଦିବସ୍ ପାଲନ୍ କରାଯାଇଥିଲା । ସବୁ ଦେଶ୍‌କେ ଇ ପ୍ରାକୃତିକ ବିପର୍ଯ୍ୟୟ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଆର୍ ଧନଜୀବନ୍ ରକ୍ଷା ଲାଗି ମିଲିତ ଜାତିସଂଘ ଆହ୍ୱାନ୍ ଦେଇଛେ ।